## ଗାନ୍ଧୀଙ୍କ ୧୫୦ତମ ଜନ୍ମ ବର୍ଷରେ

# ଗାନ୍ଧୀ ଓ ସର୍ଜିକାଲ ଷ୍ଟ୍ରାଇକ

**ବୀରେନ୍ଦ୍ର ନାୟକ**

***ସର୍ଜିକାଲ ଷ୍ଟ୍ରାଇକ ଦିବସ ପାଳନ ପାଇଁ ନିର୍ଦ୍ଦେଶ***

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସି ତରଫରୁ ଏକ ସର୍କୁଲାର[୧] ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନିକଟକୁ ପଠାଗଲା ଯେ ସେମାନେ ତାଙ୍କ ଅଧୀନରେ ଥିବା ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କରେ ୨୯ ସେପ୍ଟେମ୍ବର ୨୦୧୮ ଦିନ 'ସର୍ଜିକାଲ ଷ୍ଟ୍ରାଇକ'(surgical strike)ଦିବସ ପାଳନ କରିବେ । କିପରି ପାଳନ କରିବେ ତାହାର ମଧ୍ୟ ଏକ ତାଲିକା ଏହି ସର୍କୁଲାରରେ ଦିଆଗଲା ଯେପରି ତାଲିକାର ୪ ନମ୍ବରରେ ନିର୍ଦ୍ଦେଶ ଥିଲା ଯେ ଶିକ୍ଷାର୍ଥୀମାନେ ସେନାକୁ ସମର୍ଥନ କରି ଏକ ଶପଥପତ୍ରରେ ସ୍ୱାକ୍ଷର କରିବେ ଓ ଏହି ସ୍ୱାକ୍ଷରିତ ପତ୍ରଗୁଡ଼ିକୁ ପ୍ରତିରକ୍ଷା ବିଭାଗର ଲୋକସମ୍ପର୍କ ଅଧିକାରୀ ଓ ପ୍ରେସ ଇନଫର୍ମେସନ ବ୍ୟୁରୋ (PIB)କୁ ପଠାଇବେ । ଏହି ଦିବସ ପାଳନ କିପରି ଉଚ୍ଚ ଶିକ୍ଷାନୁଷ୍ଠାନମାନେ କରୁଛନ୍ତି ତାହାର ଫଟୋ ଉ ାଳନ କରି ୟୁଜିସିର ୱେବସାଇଟରେ ଅପଲୋଡ୍ କରିବେ । ଏହି ପ୍ରକାର ନିର୍ଦ୍ଦେଶ ୟୁଜିସି ଯେ ଦେଉଛି, ତାହା ଭାରତ ସରକାର ନେଇଥିବା ନିଷ୍ପି ଅନୁସାରେ, ଏହା ୟୁଜିସିର ସଚିବ ସ୍ପଷ୍ଟ ସର୍କୁଲାରର ପ୍ରଥମ ଧାଡ଼ିରେ ହିଁ ଉଲ୍ଲେଖ କରିଥିଲେ । ଏହା ବେଶ୍ ପ୍ରତିକୂଳ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ୟୁଜିସିର ଏହି ନିର୍ଦ୍ଦେଶକୁ ମାନିବେ ନାହିଁ ବୋଲି ଯାଦବପୁର ବିଶ୍ୱବିଦ୍ୟାଳୟର ଛାତ୍ରମାନେ ଘୋଷଣା କରିଥିବା ବେଳେ, ଏପରି ନିର୍ଦ୍ଦେଶ ୟୁଜିସିର ମୂଳ ଉଦ୍ଦେଶ୍ୟର ଖିଲାଫ କରୁଛି ତେଣୁ ପାଳନ କରାଯିବା ଉଚିତ ନୁହେଁ ବୋଲି ଶିକ୍ଷାବିତ୍‌ମାନେ ଯୁକ୍ତି କରିଥିବା ବେଳେ, ରାଜନୈତିକ ବିରୋଧୀ ଏପରି ୟୁଜିସି ନିର୍ଦ୍ଦେଶ ସ୍ୱାଧୀନ ଭାରତରେ ଏଯାବତ୍ ଦେଖା ଯାଇ ନଥିଲା ବୋଲି ପ୍ରତିକ୍ରିୟା କରିଥିଲେ । ଏହିପରି ପ୍ରତିକୂଳ ପ୍ରତିକ୍ରିୟା ଦେଖି ମାନବ ସମ୍ବଳ ବିକାଶମନ୍ତ୍ରୀ ପ୍ରକାଶ ଜାଭଡେକର, ଏହି ଦିବସ ପାଳନ ବାଧ୍ୟତାମୂଳକ ନୁହେଁ ବୋଲି ମତ ରଖିଥିଲେ । କେହି କେହି ପ୍ରଶ୍ନ କରୁଥିଲେ ଗତବର୍ଷ କାହିଁକି ଏପରି ସର୍କୁଲାର ଜାରି କରାଯାଇ ନଥିଲା? ସର୍ଜିକାଲ ଷ୍ଟ୍ରାଇକ ହୋଇଥିଲା ୨୯ ସେପ୍ଟେମ୍ବର ୨୦୧୬ ଦିନ । ତେଣୁ ୨୯ସେପ୍ଟେମ୍ବର ୨୦୧୭ ଦିନ ସର୍ଜିକାଲ ଷ୍ଟ୍ରାଇକର ପ୍ରଥମ ବାର୍ଷିକୀ ଥିଲା । ତେବେ ଗତବର୍ଷ ୟୁଜିସି ଏପରି ଦିବସ ପାଳନ କରିବାପାଇଁ କୌଣସି ନିର୍ଦ୍ଦେଶ ଦେଇନଥିଲେ । ଏବର୍ଷ ଯଦି ଜାରି କରାଗଲା ତାହା କ'ଣ ୨୦୧୯ ସାଧାରଣ ନିର୍ବାଚନକୁ ଆଗରେ ରଖି? ଏହା ପଛରେ କୌଣସି ରାଜନୀତି ନାହିଁ, କେବଳ ଦେଶପ୍ରେମ ଅଛି, କୁହନ୍ତି ମନ୍ତ୍ରୀ ମହୋଦୟ ଜାଭଡେକର । କିନ୍ତୁ ୨୯ତାରିଖର ୬ଦିନ ପୂର୍ବରୁ ୨୩ ସେପ୍ଟେମ୍ବର ଦିନ ଭାରତ ପାକିସ୍ଥାନ ମଧ୍ୟରେ ପ୍ରତ୍ୟକ୍ଷ ଯୁଦ୍ଧର ୫୩ତମ ବର୍ଷ ପାଳନର ଏକ ଅବସର ସୃଷ୍ଟି ହୋଇଥିଲା, ଦେଶପ୍ରେମ ଖାତିରରେ ଏହି ଦିବସକୁ ପାଳନ କରିବାର କୌଣସି ଆଗ୍ରହ ସରକାରଙ୍କ ତରଫରୁ କାହିଁକି ଦେଖାଗଲା ନାହିଁ? ପ୍ରଶ୍ନ କରନ୍ତି ବରିଷ୍ଠ ସାମ୍ବାଦିକ ଶଙ୍କର୍ଷଣ ଠାକୁର[୨] । ଭାରତ ପାକିସ୍ଥାନ ମଧ୍ୟରେ ଯୁଦ୍ଧ ୨୩ ସେପ୍ଟେମ୍ବର ୧୯୬୫ଦିନ ସମାପ୍ତ ହୋଇଥିଲା, ସଂଯୁକ୍ତ ରାଷ୍ଟ୍ରର ହସ୍ତକ୍ଷେପ ଫଳରେ ଯଦିଓ ଯୁଦ୍ଧରେ ଭାରତର ପ୍ରଦର୍ଶନ ବେଶ ପରାକ୍ରମୀ ଥିଲା । ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ଓ ପାକିସ୍ଥାନର ରାଷ୍ଟ୍ରମୁଖ୍ୟ ଆୟୁବ ଖାଁଙ୍କ ମଧ୍ୟରେ ଏକ ଚୁକ୍ତି, ୧୦ ଜାନୁଆରୀ ୧୯୬୬ ଦିନ ହୋଇଥିଲା ଯାହା ତାସକେ  ଘୋଷଣା ନାମରେ ପ୍ରସିଦ୍ଧ । ୧୧ ଜାନୁଆରୀ ୧୯୬୬ ଦିନ ଲାଲବାହାଦୁରଙ୍କ ମୃତ୍ୟୁ ସମସ୍ତଙ୍କୁ ହତଚକିତ କରିଥିଲା । କହିବା ବାହୁଲ୍ୟ ଯେ ଏହି ଯୁଦ୍ଧ ଯାହା ଏକ ପ୍ରତ୍ୟକ୍ଷ ଘୋଷିତ ଯୁଦ୍ଧ ଥିଲା, ତାହା ସାମରିକ ପରାକ୍ରମ ଓ ଦେଶପ୍ରେମ ଦ୍ୱାରା ଉଦ୍‌ବୁଦ୍ଧ ଯେକୌଣସି ଭାରତୀୟ ପାଇଁ ପ୍ରତିବର୍ଷ ଏକ ଗାମ୍ଭୀର୍ଯ୍ୟ ପରିବେଶରେ ସ୍ମରଣୀୟ, ଅଥଚ ଏହା ପାଶୋର ହୋଇଯାଇଛି । କିନ୍ତୁ ଦୁଇବର୍ଷ ତଳେ ହୋଇଥିବା 'ସର୍ଜିକାଲ ଷ୍ଟ୍ରାଇକ' ଭାରତର ସାମରିକ ପରାକ୍ରମର ଏକ ଅଭୂତପୂର୍ବ ଦୃଷ୍ଟାନ୍ତ ଭାବେ ପ୍ରଦର୍ଶିତ କରିବାର ଉଦ୍ୟମ ହେଉଛି ।

## ଆର୍.ଏସ୍.ଏସ୍.ର ଶିକ୍ଷା ଓ ସର୍ଜିକାଲ ଷ୍ଟ୍ରାଇକ

'ସର୍ଜିକାଲ ଷ୍ଟ୍ରାଇକ' ପ୍ରକୃତରେ କ'ଣ ? ଏହାର ପରିଭାଷା କୁହେ ଯେ ଏହା ଏକ ବିଶେଷ ପ୍ରକାରର ସାମରିକ ଆକ୍ରମଣ, ଯାହା କ୍ଷିପ୍ର ଓ ଲକ୍ଷ୍ୟଭେଦୀ ହୋଇଥାଏ । ଏଥିରେ ଲକ୍ଷ୍ୟ ଥାଏ କେବଳ ନିର୍ଦ୍ଦିଷ୍ଟ ସେନା ଘାଟି ଉପରେ ଆକ୍ରମଣ ଯାହା ଦ୍ୱାରା ସମାନ୍ତରାଳ (collateral) କ୍ଷତି ଆଦୌ ହେବ ନାହିଁ ବା ଯଦି ହୁଏ ତାହା ଅତି କମ ହେବ । ଅର୍ଥାତ୍ ପାଖରେ ଥିବା କୋଠାବାଡ଼ି, ଗାଡ଼ିଘୋଡ଼ା, ସାଧାରଣ ଜନତା ବ୍ୟବହାର କରୁଥିବା ଭି ିଭୂମି, କିଛି ପ୍ରଭାବିତ ହେବ ନାହିଁ ବା ହେଲେ ତାହା ଖୁବ୍ କମ ହେବ । 'ସର୍ଜିକାଲ ଷ୍ଟ୍ରାଇକ'ର ଗୋଟିଏ ଅନୁକୂଳ ପ୍ରଭାବ ହେଉଛି ଯେ ଏହା ଏକ ପରିପୂର୍ଣ୍ଣ ଯୁଦ୍ଧର ସମ୍ଭାବନାକୁ ପ୍ରତିହତ କରିଥାଏ[୩] । ୨୯ ସେପ୍ଟେମ୍ବର ୨୦୧୬ ଦିନ ଭାରତୀୟ ସେନା ଏହିପରି ଏକ 'ସର୍ଜିକାଲ ଷ୍ଟ୍ରାଇକ' କରିଥିଲେ ପାକିସ୍ଥାନ ଅଧିକୃତ ଅଂଚଳରେ । ଏହା ସରକାର ସର୍ବସାଧାରଣଙ୍କୁ ଜଣାଇଥିଲେ ଓ ଏହା ମୋଦୀ ସରକାରଙ୍କର ଏକ ବିରାଟ ସଫଳତା ବୋଲି ତାଙ୍କ ଦଳ ତରଫରୁ ବେଶ୍ ପ୍ରଚାରିତ ହେଲା । ପ୍ରାୟ ସମସ୍ତ ବିରୋଧୀ ରାଜନୈତିକ ଦଳ ମଧ୍ୟ ଏହି ସମ୍ବାଦ ଘୋଷଣା ହେବା ମାତ୍ରେ ସରକାରଙ୍କୁ ପ୍ରଶଂସା ମଧ୍ୟ କରିଥିଲେ[୪] । ରାହୁଲ ଗାନ୍ଧୀ ତ ପ୍ରଶଂସା କରି କହିଥିଲେ ଅଢ଼େଇ ବର୍ଷ ଭିତରେ ମୋଦୀ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ଭଳି କାର୍ଯ୍ୟଟିଏ କରିଛନ୍ତି[୫]। ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର, ସର୍ଜିକାଲ ଷ୍ଟ୍ରାଇକ ପାଇଁ ନିଷ୍ପ ି ନେବାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶିକ୍ଷାକୁ ଶ୍ରେୟ ଦେଲେ । ସେ କହି ପକାଇଲେ[୬], "ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ ମହାତ୍ମା ଗାନ୍ଧୀଙ୍କ ଜାଗାରୁ ଜଣେ ପ୍ରଧାନମନ୍ତ୍ରୀ ଏବଂ ଗୋଆରୁ ପ୍ରତିରକ୍ଷା ମନ୍ତ୍ରୀ, ଓ ସର୍ଜିକାଲ ଷ୍ଟ୍ରାଇକ, ବୋଧହୁଏ ଆର୍‌ଏସ୍‌ଏସ୍‌ର ଶିକ୍ଷା ଥିଲା ଏହା ମଧ୍ୟରେ, ଯଦିଓ ଏହା ଏକ ଭିନ୍ନ ପ୍ରକାରର ମିଶ୍ରଣ ।" ଏହା ସେ କହୁଥିଲେ ୧୭ ଅକ୍ଟୋବର ୨୦୧୬ ଦିନ, ସର୍ଜିକାଲ ଷ୍ଟ୍ରାଇକର ପ୍ରାୟ ଦୁଇ ସପ୍ତାହ ପରେ, ନିର୍ମା ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ "Know Your Army" କାର୍ଯ୍ୟକ୍ରମରେ । ବମ୍ବେ ଆଇଆଇଟିରୁ ଶିକ୍ଷାପ୍ରାପ୍ତ ଗୋଆନିବାସୀ ମନୋହର ପାରିକର ଯେତେବେଳେ ଗୁଜୁରାଟ ଅର୍ଥାତ୍ ମହାତ୍ମା ଗାନ୍ଧୀଙ୍କ ରାଜ୍ୟନିବାସୀ ପ୍ରଧାନମନ୍ତ୍ରୀ ମୋଦୀ ଓ ତାଙ୍କ ଭିତରେ ସର୍ଜିକାଲ ଷ୍ଟ୍ରାଇକ ପାଇଁ ନିଷ୍ପ ିରେ ଏକମତ ହେବା ପଛରେ ସେମାନଙ୍କର ଆରଏସ୍‌ଏସ୍‌ର ଶିକ୍ଷା ପ୍ରତି ଇଙ୍ଗିତ କରୁଥିଲେ ସେତେବେଳେ ବୋଧହୁଏ ସେ ଏକ ଗମ୍ଭୀର ବକ୍ତବ୍ୟ ଦେଉଥିଲେ, ଯଦିଓ ବିରୋଧୀ କଂଗ୍ରେସ ଏହି ବକ୍ତବ୍ୟ ପାଇଁ ତାଙ୍କୁ ଏକ 'ଜାତୀୟ ଲଜ୍ଜା' ("national embarrassment") ବୋଲି ଆକ୍ଷେପ କରୁଥିଲେ ଓ ପ୍ରତିରକ୍ଷା ମନ୍ତ୍ରୀ ପଦ ପାଇଁ ଅଯୋଗ୍ୟ ବୋଲି ଅଭିଯୋଗ କରୁଥିଲେ[୭]।

## *କେନ୍ଦ୍ରୀୟ ହିନ୍ଦୁ ସାମରିକ ଶିକ୍ଷା ସମିତି ଓ ଡକ୍ଟର ବାଳକୃଷ୍ଣ ଶିବରାମ ମୁଂଜେ*

ମୂଳତଃ ସ୍ୱୟଂସେବକ ମନୋହର ପାରିକର ତାଙ୍କର ଉକ୍ତ ବକ୍ତବ୍ୟ ଦ୍ୱାରା ସାମରିକତା ପ୍ରତି ଆରଏସ୍‌ଏସ୍‌ର ପ୍ରତିବଦ୍ଧତାକୁ ହିଁ ପ୍ରକାରାନ୍ତରେ ସ୍ମରଣ କରାଉଥିଲେ ! ଫେବୃଆରୀ ୨୦୧୨ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗଓ୍ୱତ ନାସିକଠାରେ ଥିବା ଭୋନସାଲା ସାମରିକ ବିଦ୍ୟାଳୟ (Bhonsala Military School )ର ପ୍ଲାଟିନମ ଜୁବିଲି (୭୫ତମ ପ୍ରତିଷ୍ଠା ଦିବସରେ) ଅବସରରେ ଉଦ୍‌ବୋଧନ ଦେଇ କହୁଥିଲେ ସାମରିକ ଶିକ୍ଷା ବ ର୍ମାନ ସମୟର ଆବଶ୍ୟକତା[୮]। ଭୋନସାଲା ସାମରିକ ବିଦ୍ୟାଳୟର ସ୍ଥାପନା ହୋଇଥିଲା ୧୯୩୭ ମସିହାରେ ଓ ଏହାର ପ୍ରତିଷ୍ଠାତା ଥିଲେ ଡକ୍ଟର ବାଳକୃଷ୍ଣ ଶିବରାମ ମୁଂଜେ ବା ବି ଏସ୍ ମୁଂଜେ (ଜନ୍ମ- ୧୨ଡିସେମ୍ବର ୧୮୭୨, ମୃତ୍ୟୁ-୦୩ ମାର୍ଚ୍ଚ ୧୯୪୮) । ଡକ୍ଟର ମୁଂଜେଙ୍କର ଅଭିଭାବକତ୍ୱରେ ହିଁ ଆର.ଏସ୍.ଏସ୍.ର ପ୍ରତିଷ୍ଠାତା ଡକ୍ଟର କେ ବି ହେଡଗେଓ୍ୱାରଙ୍କ ବ୍ୟକ୍ତିତ୍ୱ ବିକଶିତ ହୋଇଥିଲା । ୧୯୨୫ ବିଜୟା ଦଶମୀରେ ଆର୍ ଏସ୍ ଏସ୍ ର ପ୍ରତିଷ୍ଠା ଅବସରରେ ଯେଉଁ ପ୍ରଥମ ସଭା ହୋଇଥିଲା ସେଥିରେ ଡକ୍ଟର ମୁଂଜେ ମଧ୍ୟ ଉପସ୍ଥିତ ଥିଲେ । ଅଖିଳ ଭାରତୀୟ ହିନ୍ଦୁ ମହାସଭାର ଅଧ୍ୟକ୍ଷ ହୋଇଥିଲେ ଡକ୍ଟର ମୁଂଜେ, ୧୯୨୭ ମସିହାରେ ଓ ୧୯୩୭ରେ ବୀର ସାବରକର ତାଙ୍କଠାରୁ ଏହି ଦାୟିତ୍ୱ ଗ୍ରହଣ କରିଥିଲେ । ଡକ୍ଟର ମୁଂଜେଙ୍କ ଅଧ୍ୟକ୍ଷତା ସମୟରେ, ମହାସଭାର ଆକୋଲାଠାରେ ଅନୁଷ୍ଠିତ ଏକ ବାର୍ଷିକ ସମାବେଶରେ ଆର୍.ଏସ୍.ଏସ୍ ଏକ ସ୍ୱେଚ୍ଛାସେବୀ ସଂଗଠନ ଭାବେ ଅଂଶଗ୍ରହଣ କରିଥିଲା । ଏହା ଥିଲା ଅଗଷ୍ଟ ୧୯୩୧ ମସିହାର କଥା । ସେହି ବର୍ଷ ମାର୍ଚ୍ଚ ୧୯ ତାରିଖ ଦିନ ଡକ୍ଟର ମୁଂଜେ ଅପରାହ୍ଣ ୩ଟା ସମୟରେ ଭେଟିଥିଲେ ଇଟାଲୀର ଏକଛତ୍ରବାଦୀ ଶାସକ ମୁସୋଲିନୀଙ୍କୁ । ମୁସୋଲିନୀ ମୁଂଜେଙ୍କୁ ପଚାରିଲେ[୯], "ଆପଣ ଆମ ବିଶ୍ୱବିଦ୍ୟାଳୟ ଦେଖିଲେଣି ।" ମୁଂଜେ ଉ ରରେ କହିଥିଲେ, "ମୋର ଆଗ୍ରହ ପିଲାଙ୍କର ସାମରିକ ଶିକ୍ଷାରେ ଏବଂ ମୁଁ ଇଂଲଣ୍ଡ, ଫ୍ରାନ୍ସ ଏବଂ ଜର୍ମାନୀରେ ଥିବା ସାମରିକ ବିଦ୍ୟାଳୟଗୁଡ଼ିକର ପରିଦର୍ଶନ କରିଛି ଓ ଏବେ ଆସିଛି ସେହି ଉଦ୍ଦେଶ୍ୟରେ ଇଟାଲୀକୁ । ପ୍ରତ୍ୟେକ ଉଚ୍ଚାଭିଳାଷୀ ଓ ବିକାଶୋନ୍ମୁଖୀ ରାଷ୍ଟ୍ର ପାଇଁ ଏହି ଭଳି ସଂଗଠନର ଆବଶ୍ୟକତା ଅଛି ।" ଏହି କଥୋପକଥନ, ଡକ୍ଟର ମୁଂଜେ ତାଙ୍କ

ଡାଏରୀରେ ଲେଖିଥିଲେ । ଡାଏରୀରେ ମଧ୍ୟ ସେ ଲେଖିଥିଲେ, "ଆମର ନାଗପୁରସ୍ଥିତ ଡକ୍ଟର ହେଡଗେୱାରଙ୍କ ଅଧୀନସ୍ଥ ସଂଗଠନ ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘ ହେଉଛି ଏହିଭଳି ସଂଗଠନ ଯଦିଓ ଏହାର ପରିକଳ୍ପନା ସ୍ୱତନ୍ତ୍ରଭାବେ କରାଯାଇଛି । ଡକ୍ଟର ହେଡଗେୱାରଙ୍କ ଏହି ସଂଗଠନର ବିକାଶ ପାଇଁ ଓ ସମସ୍ତ ମହାରାଷ୍ଟ୍ରରେ ତଥା ଅନ୍ୟାନ୍ୟ ପ୍ରଦେଶରେ ପ୍ରସାର ପାଇଁ, ମୁଁ ମୋର ଅବଶିଷ୍ଟ ଜୀବନ ନିୟୋଜିତ କରିବି ।" ତେଣୁ ସ୍ୱାଭାବିକ ଡକ୍ଟର ମୁଂଜେଙ୍କ ଦ୍ୱାରା ୧୯୩୭ ମସିହାରେ ସ୍ଥାପିତ ଭୋନସାଲା ସାମରିକ ବିଦ୍ୟାଳୟରେ ଆର୍.ଏସ୍.ଏସ୍ର ସମ୍ପୃକ୍ତି ବେଶ୍ ଆଖିଦୃଶିଆ ହୋଇଛି । ଏହି ବିଦ୍ୟାଳୟ ସହ ୧୯୫୬ରୁ ୨୦୦୩ ଯାଏ ବିଭିନ୍ନ ପଦବୀରେ ସମ୍ପୃକ୍ତ ଥିବା ମେଜର ପ୍ରଭାକର ବଳୱନ୍ତ କୁଲକର୍ଣ୍ଣି କୁହନ୍ତି[୧୦], "ଏହାର ପୁନରୁତ୍ଥାନ ସମ୍ଭବ ହୋଇନଥାନ୍ତା ଯଦି ଭାରତର ବିଭିନ୍ନ ଅଂଚଳରେ ଥିବା ସଂଘର କର୍ମୀମାନେ ସେମାନଙ୍କ ପିଲାଙ୍କୁ ଏହି ବିଦ୍ୟାଳୟକୁ ନ ପଠାଇଥାନ୍ତେ ।" ଏହି ପୁନରୁତ୍ଥାନ ସମୟରେ ହିଁ ଏହି ବିଦ୍ୟାଳୟର ପରିଚାଳନା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ହିନ୍ଦୁ ସାମରିକ ଶିକ୍ଷା ସମିତି (The Central Hindu Military Education Society) ଆଜୀବନ ସଭ୍ୟ ଭାବେ ଯେଉଁମାନେ ଯୋଗ ଦେଲେ ସେମାନେ ସମସ୍ତେ ଥିଲେ ଆର୍.ଏସ୍.ଏସ୍.ର ସଭ୍ୟ । ତେଣୁ ଏହି ବିଦ୍ୟାଳୟର ପ୍ଲାଟିନମ ଜୁବିଲିରେ ଆର୍.ଏସ୍.ଏସ୍ର ସରସଂଘଚାଳକ ମୋହନ ଭାଗୱତ ଉଦ୍‌ବୋଧନ ଦେବା ଓ ଏହି ଭଳି ବିଦ୍ୟାଳୟର ସଂଖ୍ୟା ବୃଦ୍ଧିର କାମନା କରିବା ସ୍ୱାଭାବିକ । ବୋଧହୁଏ ଏହିଭଳି ବିଦ୍ୟାଳୟ ସହ ସମ୍ପୃକ୍ତି ମୋହନ ଭାଗୱତଙ୍କୁ ଉତ୍ସାହିତ କରିଥିଲା ଆସ୍ଫାଳନ କରିବାକୁ ଯେ ସଂଘ ତିନିଦିନ ଭିତରେ ସାମରିକ କର୍ମୀଙ୍କୁ ପ୍ରସ୍ତୁତ କରିପାରିବ ଯାହା ଭାରତୀୟ ସେନାକୁ ଛଅ-ସାତ ମାସ ଲାଗିବ[୧୧] । ଡକ୍ଟର ମୁଂଜେଙ୍କ ହିନ୍ଦୁ ଯୁବକଙ୍କୁ ସାମରିକ ତାଲିମ ଦେବାର ସଂଗଠନ ଯେ ମୋହନ ଭାଗୱତଙ୍କ ଆଶୀର୍ବାଦ ପାଉଛି ଏହା ସ୍ପଷ୍ଟ । ଯଦିଓ ଡକ୍ଟର ମୁଂଜେଙ୍କ ନାତି ଓ ଭୋନସାଲା ସାମରିକ ବିଦ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ଅନିଲ ମୁଂଜେ ମୋହନ ଭାଗୱତଙ୍କ ଉଦ୍ଦେଶ୍ୟକୁ ପ୍ରଶ୍ନ କରନ୍ତି ଓ ଏମାନଙ୍କ ଠାରେ ମୁଂଜେଙ୍କର ଆଦର୍ଶ ଆଦୌନାହିଁ ବୋଲି ଅଭିଯୋଗ କରନ୍ତି ଓ କୁହନ୍ତି[୧୨], 'ସଂଘ ଏବେ ହିନ୍ଦୁତ୍ୱକୁ ନିର୍ବାଚନୀ ଲାଭ ପାଇଁ ମାର୍କେଟିଂ କରୁଛି ।'

***<u>ଡକ୍ଟର ମୁଁଜେ ଓ ମହାତ୍ମା ଗାନ୍ଧୀ</u>***

ଡକ୍ଟର ମୁଂଜେ ଓ ମହାତ୍ମା ଗାନ୍ଧୀ ପ୍ରାୟ ଗୋଟିଏ ସମୟର । ମୁଂଜେ, ଗାନ୍ଧୀଙ୍କଠାରୁ ୩ ବର୍ଷ ସାନ ଥିଲେ । କିନ୍ତୁ ଗାନ୍ଧୀଙ୍କ ମୃତ୍ୟୁର ମାତ୍ର ମାସକ ଭିତରେ ମୁଂଜେଙ୍କର ମୃତ୍ୟୁ ହୋଇଥିଲା । ବାଲ୍ ଗଙ୍ଗାଧର ତିଲକଙ୍କର ଜଣେ ନିଷ୍ଠାପର ଅନୁଯାୟୀ ଭାବେ ମୁଂଜେ ନିଜର ରାଜନୈତିକ ଜୀବନ କଂଗ୍ରେସରେ ଆରମ୍ଭ କରିଥିଲେ ଓ କଂଗ୍ରେସ ଭିତରେ ଲାଲ,ବାଲ,ପାଲଙ୍କ ନେତୃତ୍ୱରେ ଚରମପନ୍ଥୀ ଗୋଷ୍ଠୀରେ ସକ୍ରିୟ ଥିଲେ । କିନ୍ତୁ ୧୯୨୦ ମସିହାରେ ବାଲ୍ ଗଂଗାଧର ତିଲକଙ୍କ ମୃତ୍ୟୁପରେ ମୁଂଜେ କଂଗ୍ରେସରୁ ନିଜକୁ ଅନ୍ତର କରିନେଲେ । ସେ ଗାନ୍ଧୀଙ୍କର ଅହିଂସା ଓ ଧର୍ମ ନିରପେକ୍ଷତାର ଅବଧାରଣାକୁ ଗ୍ରହଣ କରିପାରିଲେ ନାହିଁ । ହିନ୍ଦୁ ମହାସଭାରେ ଯୋଗଦେଲେ । କଂଗ୍ରେସର ସମସ୍ତ ବିରୋଧ ସତ୍ତ୍ୱେ ସେ ଲଣ୍ଡନରେ ଅନୁଷ୍ଠିତ ତିନୋଟି ଗୋଲ ଟେବୁଲ ବୈଠକ (November 1930 and ended in December 1932)ରୁ ଦୁଇଟି ବୈଠକରେ (November 1930 – January 1931 ଓ September – December 1931) ଅଂଶଗ୍ରହଣ କରିଥିଲେ । ମାହାତ୍ମା ଗାନ୍ଧୀ କେବଳ ୨ୟ ବୈଠକ (September – December 1931) ରେ ହିଁ ଭାରତୀୟ ଜାତୀୟ କଂଗ୍ରେସର ପ୍ରତିନିଧି ଭାବେ ଯୋଗ ଦେଇଥିଲେ । ମହାତ୍ମା ଗାନ୍ଧୀଙ୍କର ମୁଂଜେଙ୍କ ସମ୍ପର୍କରେ କଣ ମତ ଥିଲା ? ସାରା ଭାରତ କଂଗ୍ରେସ କମିଟିର ବମ୍ବେଠାରେ ଅନୁଷ୍ଠିତ ଅଧିବେଶନକୁ୧୯୪୨ ମସିହା ଅଗଷ୍ଟ ୮ ତାରିଖ ଦିନ, ଉଦବୋଧନ ଦେଇ ମହାତ୍ମା ଗାନ୍ଧୀ ଗୋଟିଏ ସ୍ଥାନରେ କହୁଥିଲେ[୧୩], "ଡକ୍ଟର ମୁଂଜେ ଓ ଶ୍ରୀ ସାବରକରଙ୍କ ପରି ଯେଉଁ ହିନ୍ଦୁମାନେ ତରବାରୀର ସିଦ୍ଧାନ୍ତ (doctrine of the sword)ରେ ବିଶ୍ୱାସ କରନ୍ତି ସେମାନେ ଚାହିଁ ପାରନ୍ତି ମୁସଲମାନଙ୍କୁ ହିନ୍ଦୁଙ୍କ ଅଧୀନରେ ରଖିବା ପାଇଁ । ମୁଁ ସେହିଭଳି ଗୋଷ୍ଠୀକୁ ପ୍ରତିନିଧିତ୍ୱ କରେ ନାହିଁ । ମୁଁ କଂଗ୍ରେସକୁ ପ୍ରତିନିଧିତ୍ୱ କରେ ।... ତୁମେ ଯଦି କଂଗ୍ରେସକୁ ଅବିଶ୍ୱାସ କର, ତାହାହେଲେ ତୁମେ ଜାଣିଥାଅ ଯେ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଯୁଦ୍ଧ ସବୁବେଳ ପାଇଁ ଲାଗି ରହିଥିବ ଏବଂ ଏହି ରାଷ୍ଟ୍ର ଯୁଦ୍ଧ ଓ ରକ୍ତପାତ କରିବାରେ ହିଁ ଲାଗିଥିବ । ଯଦି ଏହିଭଳି ଯୁଦ୍ଧ ଆମର ଭାଗ୍ୟ ହୁଏ, ତାହାହେଲେ ଏହା ଦେଖିବାକୁ ମୁଁ ବଂଚିବି ନାହିଁ ।" ଡକ୍ଟର ମୁଂଜେ ଓ ତାଙ୍କର ଉ ରାଧିକାରୀ ବୀର ସାବରକର ହିନ୍ଦୁ ଯୁବକଙ୍କୁ ସାମରିକ ତାଲିମ ଦେବା ସମ୍ପର୍କରେ ଅଜ୍ଞ ନ ଥିଲେ ଗାନ୍ଧୀ ଓ ଏହା ପଛର ପ୍ରକୃତ ଉଦ୍ଦେଶ୍ୟକୁ ଯେପରି ବୁଝି ପାରିଥିଲେ ଓ ଏହାର ଦୁଃଖଦ ପରିଣତିକୁ ନେଇ ବିବ୍ରତ ଥିଲେ । ସାବରକର ତ ଖୋଲାଖୋଲି କହୁଥିଲେ[୧୪], ମୁସଲମାନଙ୍କ ଜାଗ୍ରତ ମସ୍ତିଷ୍କରେ ସୃଷ୍ଟି ହେଉଥିବା ଯୋଜନାରୁ ବଢୁଥିବା ବିପଦର ଏକମାତ୍ର ଉ ର ହେଉଛି ସୁଠାମ ଶରୀରଧାରୀ ସଶସ୍ତ୍ର ହିନ୍ଦୁ । ( able-bodied

and armed Hindus were the only answer to the "growing danger from the designs of the awakened Muslim mind).
କହିବା ବାହୁଲ୍ୟ ଯେ ଆର୍.ଏସ୍.ଏସ୍‌ର ଧମନୀରେ ସାମରିକତା ହେଉଛି ସ୍ୱାଭାବିକ ପ୍ରବାହ । ତେଣୁ ୨୯ସେପ୍ଟେମ୍ବର ୨୦୧୬ ସର୍ଜିକାଲ ଷ୍ଟ୍ରାଇକର ଶ୍ରେୟ ଯଦି ମନୋହର ପାରିକର, ତାଙ୍କର ଓ ନରେନ୍ଦ୍ର ମୋଦୀଙ୍କର, ଆର୍‌ଏସ୍‌ଏସ୍‌ର ଶିକ୍ଷାକୁ ଦେଉଛନ୍ତି, ସେ କୌଣସି ଅବାନ୍ତର ମନ୍ତବ୍ୟ ଦେଉନାହାନ୍ତି । ବରଂ ଆର୍‌ଏସ୍‌ଏସ୍‌ର ଆଦର୍ଶକୁ ସଠିକ ବୁଝିଥିବାର ପ୍ରମାଣ ହିଁ ଦେଉଛନ୍ତି ।

***ଗାନ୍ଧୀ ନୀତିର ଉଲଂଘନ***

ଏହା ଏକ ବିଡ଼ମ୍ବନା ମନେ ହୋଇପାରେ କିନ୍ତୁ ଗାନ୍ଧୀଙ୍କ ଆଦର୍ଶକୁ ସଠିକ ବୁଝିଥିବାର ପ୍ରମାଣ ପାଉ ଆର୍ ଏସ୍ ଏସ୍ ପରି ହିନ୍ଦୁ ସାମରିକତାରେ ବିଶ୍ୱାସୀ ହିନ୍ଦୁ ମହାସଭାର ଜାତୀୟ ଉପସଭାପତି ପଣ୍ଡିତ ଅଶୋକ ଶର୍ମାଙ୍କ ବକ୍ତବ୍ୟରେ ଯେତେବେଳେ ସେ କୁହନ୍ତି[୧୫], "ଆମେ ଯଦି ପ୍ରକୃତରେ ଗାନ୍ଧୀଙ୍କ ପଥ ପ୍ରଦର୍ଶିତ ମାର୍ଗରେ ଚାଲୁଥାନ୍ତେ ତାହାହେଲେ ସର୍ଜିକାଲ ଷ୍ଟ୍ରାଇକ ହୁଅନ୍ତା ନାହିଁ ।" ("Had we been following Gandhi's foot steps surgical strikes would not have happened.") ଏହା ସେ କହୁଥିଲେ ୨ ଅକ୍ଟୋବର ୨୦୧୬ ଦିନ, ସର୍ଜିକାଲ ଷ୍ଟ୍ରାଇକ ହେବାର ମାତ୍ର ୩ ଦିନ ପରେ, ମିରଟସ୍ଥିତ ହିନ୍ଦୁ ମହାସଭା ଅଫିସର ପ୍ରାଙ୍ଗଣରେ ଗାନ୍ଧୀ ହତ୍ୟାକାରୀ ନାଥୁରାମ ଗଡସେଙ୍କର ପ୍ରତିମୂର୍ତ୍ତି ସ୍ଥାପନାର କାର୍ଯ୍ୟକ୍ରମରେ । ସେ ଏକ ବ୍ୟାପକ ପୃଷ୍ଠଭୂମିରେ ଅବଶ୍ୟ ଏହି ବକ୍ତବ୍ୟ ରଖୁଥିଲେ । ଗାନ୍ଧୀଙ୍କର ନୀତିକୁ ଯେ ଆଜି ଆମେ କେହି ଅନୁସରଣ କରୁନାହୁଁ ବରଂ ଗଡସେଙ୍କ ନୀତିକୁ ହିଁ ଅନୁସରଣ କରୁଛୁ, ଅଥଚ ଗାନ୍ଧୀଙ୍କ ଗୁଣଗାନ କରୁଛୁ ଓ ତାଙ୍କୁ ପୂଜା କରୁଛୁ, ଏହା ହିଁ ସେ ଦର୍ଶାଉଥିଲେ । ତାଙ୍କ ଭାଷାରେ[୧୫], "ଆମେ କ'ଣ ଆଜିକା ଦିନରେ ଗାନ୍ଧୀଙ୍କ ନୀତିକୁ ଅନୁସରଣ କରୁଛୁ? ଭାରତୀୟ ସେନାଦ୍ୱାରା ନିକଟ ଅତୀତରେ ସଂଘଟିତ ସର୍ଜିକାଲ ଷ୍ଟ୍ରାଇକ ଏହାର ଉ ର ଦିଏ । ଆମେ ସମସ୍ତେ ଗଡସେଙ୍କ ନୀତିକୁ ହିଁ ଅନୁସରଣ କରୁ, କିନ୍ତୁ ତଥାପି ଗାନ୍ଧୀଙ୍କ ଗୁଣ ଗାନ କରିଥାଉ ଓ ତାଙ୍କୁ ପୂଜା କରିଥାଉ ।" ଏହି ମନ୍ତବ୍ୟର ଯଥାର୍ଥତା ଦିବାଲୋକ ପରି ସ୍ପଷ୍ଟ ହୋଇଯାଏ ଯେତେବେଳେ ଗାନ୍ଧୀଙ୍କର ୧୫୦ତମ ଜନ୍ମ ବର୍ଷକୁ ମର୍ଯ୍ୟାଦା ସହ ପାଳନ ପାଇଁ ବହୁ କାର୍ଯ୍ୟକ୍ରମର (ଯେପରି Incredible Indiaର Logoରେ ଯୋଡ଼ା ହେବା The Land of Gandhi)୨ ଅକ୍ଟୋବର ୨୦୧୮ ଦିନ ଆନୁଷ୍ଠାନିକ ଉଦ୍‌ଘାଟନର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଜରିଆରେ ସବୁ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଅନ୍ତି ୨୯ସେପ୍ଟେମ୍ବର ୨୦୧୮କୁ ସର୍ଜିକାଲ ଷ୍ଟ୍ରାଇକ ଦିବସ ଭାବେ ମର୍ଯ୍ୟାଦାର ସହ ପାଳନ କରିବାପାଇଁ । ଭାରତ ଏକ ବିରୋଧାଭାଷର (Paradoxes) ଦେଶ ବୋଲି ଯେଉଁମାନେ ଦର୍ଶାଉଛନ୍ତି, ସେମାନେ ଏହାକୁ ଏକ ଉଦାହରଣ ଭାବେ ପେଶ୍ କରୁଛନ୍ତି[୧୬] ।

***ସାମରିକତାକୁ ଗାନ୍ଧୀଙ୍କ ବିରୋଧ***

କହିବାବାହୁଲ୍ୟ ଯେ ସାମରିକତା ପ୍ରତି ଆର୍.ଏସ୍.ଏସ୍ ବା ହିନ୍ଦୁ ମହାସଭାର ଆକର୍ଷଣ ମୂଳରେ ଥିଲା ଜର୍ମାନୀର ନାଜୀବାଦ ଓ ଇଟାଲୀର ଫାସିବାଦୀ ଶାସନ ବ୍ୟବସ୍ଥାର ପରାକ୍ରମ । ଅପର ପକ୍ଷରେ ତାହା ବ୍ରିଟିଶ ସାମ୍ରାଜ୍ୟବାଦ ହେଉ ବା ଜର୍ମାନୀର ନାଜୀବାଦ ହେଉ,ସମସ୍ତ ପ୍ରକାର ସାମରିକ ଓ ସାମ୍ରାଜ୍ୟବାଦୀ ମହ ାକାଂକ୍ଷାକୁ ପ୍ରତିରୋଧର ମୂଳ ଲକ୍ଷ୍ୟ ରଖି ଗାନ୍ଧୀ କରୁଥିଲେ ବ୍ରିଟିଶ ଶାସନରୁ ଭାରତର ମୁକ୍ତିପାଇଁ ଆନ୍ଦୋଳନ । ହରିଜନ ପତ୍ରିକାରେ 'ପ୍ରତ୍ୟେକ ଜାପାନୀଙ୍କୁ' (To Every Japaneese) ଶିରୋନାମାରେ ଲେଖିଥିଲେ[୧୭], "ବ୍ରିଟିଶ ଶାସକର ଅପସାରଣ ପାଇଁ ଆନ୍ଦୋଳନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ହେଉଛି ଭାରତକୁ ସ୍ୱାଧୀନ କରି ତାକୁ ପ୍ରସ୍ତୁତ କରିବା ଯେପରି ସେ ସମସ୍ତ ସାମରିକ ଓ ସାମ୍ରାଜ୍ୟବାଦୀ ମହ ାକାଂକ୍ଷାକୁ ପ୍ରତିରୋଧ କରିବ, ତାହା ବ୍ରିଟିଶ ସାମ୍ରାଜ୍ୟବାଦ ହେଉ, ଜର୍ମାନୀର ନାଜୀବାଦ ହେଉ ବା ତୁମର ଢାଂଚା (pattern) ହେଉ । ଯଦି ଆମେ ଏହା ନ କରୁ, ଆମେ ବିଶ୍ୱ ସାମରିକୀକରଣର କଳଙ୍କିତ ଦର୍ଶକ ଭାବେ ହିଁ ପରିଚିତି ପାଇବା ଅହିଂସାରେ ଆମର ସମସ୍ତ ଘୋଷିତ ବିଶ୍ୱାସ ସ େ । ଅହିଂସା ହିଁ ହେଉଛି ସାମରିକ ପ୍ରବୃ ି ଓ ମହ ାକାଂକ୍ଷାର ଏକ ମାତ୍ର ଦ୍ରାବକ (solvent)" ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ପାଇଁ ଜାପାନର ଆଗ୍ରହକୁ ନିରୁତ୍ସାହିତ କରି ଗାନ୍ଧୀ ଲେଖିଥିଲେ[୧୭], "ଭାରତରୁ ବ୍ରିଟିଶ ଶାସନର ଅପସାରଣ ପାଇଁ ଆନ୍ଦୋଳନକୁ ନେଇ କୌଣସି ପ୍ରକାର ଭୁଲ ବୁଝାମଣା ରହିବା ଉଚିତ ନୁହେଁ । ପ୍ରକୃତରେ ଯଦି ଆମେ ଭାରତର ସ୍ୱାଧୀନତା ପାଇଁ ତୁମର ଉଦବେଗ, ଯେପରି ସମ୍ବାଦରୁ ଜଣା ପଡୁଛି, ତାକୁ ବିଶ୍ୱାସ କରୁ; ତାହାହେଲେ ଏହା ଏକ ଆଳ ହେବା ଉଚିତ ନୁହେଁ ଭାରତକୁ ଆକ୍ରମଣ କରିବା ପାଇଁ । ତୁମର ଏପରି ଉଦବେଗ ତୁମର ଚୀନ ବିରୋଧରେ କ୍ରୁର ଆକ୍ରମଣ ସହ ଆଦୌ ମେଳ ଖାଏ ନାହିଁ ।" ଜାପାନର ଚୀନ ଉପରେ କ୍ରୁର ଆକ୍ରମଣକୁ ନାପସନ୍ଦ କରୁଥିଲେ ଗାନ୍ଧୀ ଓ ଜାପାନକୁ ପରାମର୍ଶ

ଦେଉଥିଲେ[୧୭], "ମୁଁ ଭାବୁଥିଲି ଯେ ତୁମେ ଏହାକୁ ନେଇ ଗର୍ବ କରିବ ଯେ ତୁମର ପ୍ରତିବେଶୀ ହେଉଛି ଏକ ମହାନ୍ ଐତିହ୍ୟସମ୍ପନ୍ନ ଜାତି ଯାହାର ପୂରାତନ ଶାସ୍ତ୍ରୀୟ ସାହିତ୍ୟକୁ ତୁମେ ଗ୍ରହଣ କରିଛ ଓ ନିଜର କରିଛ । ପରସ୍ପରର ଇତିହାସ, ପରମ୍ପରା, ସାହିତ୍ୟକୁ ଯେପରି ତୁମେ ବୁଝିଛ ତାହା ତୁମ ଦୁହିଁକୁ ବନ୍ଧୁତା ସୂତ୍ରରେ ସିନା ବାନ୍ଧନ୍ତା, କିନ୍ତୁ ତୁମେ ପରସ୍ପରର ଆଜି ଶତ୍ରୁ ହୋଇଛ ।" ଗାନ୍ଧୀଙ୍କର ଜାପାନ-ଚୀନ ମଧ୍ୟରେ ସୌହାର୍ଦ୍ଦ୍ୟ ପାଇଁ ପରାମର୍ଶ  ଭାରତ-ପାକିସ୍ଥାନ ମଧ୍ୟରେ ସମ୍ପର୍କ ସନ୍ଦର୍ଭରେ ପ୍ରାସଙ୍ଗିକ ମନେ ହୁଏ ନୁହେଁ କି? ଉପରୋକ୍ତ ଉଦ୍ଧୃତିଗୁଡ଼ିକ ଦର୍ଶାଏ ଗାନ୍ଧୀ ନାଜୀବାଦ, ଫାସୀବାଦ, ସାମ୍ରାଜ୍ୟବାଦ ଓ ଏହାର ସାମରିକତାକୁ ବେସାଲିସ ବିରୋଧ କରୁଥିଲେ ଓ ପ୍ରତିବେଶୀଙ୍କ ମଧ୍ୟରେ ଯୁଦ୍ଧକୁ ବିରୋଧ କରୁଥିଲେ ।  ଯୁଦ୍ଧ ପ୍ରତି ତାଙ୍କର ଧାରଣା କେତେ ତୀବ୍ର ଥିଲା ତାହା ଜଣାପଡ଼େ ଯେତେବେଳେ ସେ ୨ୟ ବିଶ୍ୱଯୁଦ୍ଧର ମାନବସମାଜ ଉପରେ ପ୍ରତିକୂଳ ପ୍ରଭାବ ସମ୍ପର୍କରେ ମନ୍ତବ୍ୟ କରନ୍ତି[୧୮] , "ମୁଁ କହିବି ଯେ ଯୁଦ୍ଧ ଯାହା ସପକ୍ଷରେ ଯାଉ ନା କାହିଁକି, ଗଣତନ୍ତ୍ର ବୋଲି କିଛି ରହିବ ନାହିଁ ଯାହାକୁ ଗଣତନ୍ତ୍ର କୁହାଯାଇପାରିବ । ଏହି ଯୁଦ୍ଧ ମାନବ ଜାତିପାଇଁ ଏକ ଅଭିଶାପ ରୂପରେ ଆସିଛି ଏବଂ ଏହା ଏକ ସତର୍କ ଘ ି । ଏହା ଏକ ଅଭିଶାପ କାରଣ ଏହା ମଣିଷକୁ ଏପରି ନୃଶଂସ କରିଛି ଯାହାର ଆକାର ଏଯାବତ୍ ଜଣା ନଥିଲା । ଯୁଦ୍ଧ କରୁଥିବା ବ୍ୟକ୍ତି ଓ ବାହାରେ ଥିବା ବ୍ୟକ୍ତି ମଧରେ ସମସ୍ତ ପାର୍ଥକ୍ୟର ବିଲୟ ଘଟିଛି । କାହାକୁ ଓ କୌଣସିଟିକୁ ଛଡ଼ା ଯାଇନାହିଁ । ମିଛ କହିବା ଏକ କଳାରେ ବଦଳି ଯାଇଛି ।" ଅପରପକ୍ଷରେ ନାଜୀବାଦ, ଫାସୀବାଦ, ସାମ୍ରାଜ୍ୟବାଦର ବିରୋଧରେ ସେ ଯେପରି ଘୋଷଣା କରିଥିଲେ ତାଙ୍କର ଗଣତନ୍ତ୍ର ପ୍ରତି ପ୍ରତିବଦ୍ଧତା[୧୯]-'ସ୍ୱାଭାବିକ ଭାବରେ ଓ ତାଲିମରେ ମୁଁ ହେଉଛି ଗଣତନ୍ତ୍ରବାଦୀ' । ଅହିଂସା ଓ ଗଣତନ୍ତ୍ର ପ୍ରତି ପ୍ରତିବଦ୍ଧ ଗାନ୍ଧୀ ସାମରିକତାକୁ ସମର୍ଥନ କରନ୍ତେ କିପରି ? ସାମରିକତା ତ ଗଣତନ୍ତ୍ର ସହ ମେଳ ଖାଏନା, ତାହା ଥିଲା ମହାତ୍ମା ଗାନ୍ଧୀଙ୍କର ଦୃଢ଼ବିଶ୍ୱାସ । ତାଙ୍କରି ଭାଷାରେ[୨୦], "ତୁମକୁ ଗଣତନ୍ତ୍ରର ମର୍ଯ୍ୟାଦାକୁ କାଏମ ରଖିବାକୁ ହେବ ଏବଂ ସାମରିକ ଶକ୍ତି ଓ ପୁଲିସ ବାହିନୀ ଉପରେ ନିର୍ଭରଶୀଳତା ସହିତ ଗଣତନ୍ତ୍ରର ମେଳ ହୋଇପାରେନା । ତୁମେ କହିପାରିବ ନାହିଁ ଯେ ଏହା ଗୋଟିଏ ଜାଗାରେ ଠିକ୍/ଭଲ ଓ ଅନ୍ୟ ଜାଗାରେ ଭୁଲ/ଖରାପ । ସାମରିକ ସାହାଯ୍ୟ ତୁମର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିବ ।" କହିବା ବାହୁଲ୍ୟ ଗାନ୍ଧୀ ଯେଉଁ ସ୍ୱାଧୀନ ଭାରତର ପରିକଳ୍ପନା କରୁଥିଲେ ସେଥିରେ ସାମରିକତା ଓ ଏକଛତ୍ରବାଦ ଶାସନର କୌଣସି ସ୍ଥାନ ନଥିଲା । କିନ୍ତୁ ଏପରି ଭାରତ ଯେ ସମ୍ଭବ ନୁହେଁ ତାହା ସେ ସ୍ୱାଧୀନତା ଆସିବା ପୂର୍ବରୁ ଆଶଙ୍କା କରିଥିଲେ । ସେ ୧୯୪୨ ମସିହାରେ  କହିଥିଲେ[୨୧], "ଯେତେବେଳେ ଭାରତ ସ୍ୱାଧୀନତା ପାଇବ, ସମ୍ଭାବନା ରହିଛି ଯେ ମୁଁ ସବୁ ଦଳପାଇଁ ଅଲୋଡ଼ା ହୋଇଯିବି ଏବଂ ସମସ୍ତେ ଯୁଦ୍ଧପାଗଳ ହୋଇଯିବେ ।" ସେ ସଚେତନ ଥିଲେ ଯେ ତାଙ୍କର ବିଶ୍ୱାସ ସହିତ ତାଙ୍କର ଅତି ପାଖ ଲୋକମାନେ ମଧ୍ୟ ଏକମତ  ନୁହନ୍ତି । ତା ନ ହେଲେ ସେ କୁହନ୍ତେ ନାହିଁ[୨୨],  "ମୁଁ ଯେଉଁ ଚରମ ସ୍ଥିତିକୁ ଯାଇ ପାରିବି, ସେପରି ବହୁତ କମ ବ୍ୟକ୍ତି ହିଁ ଯାଇପାରିବେ । ମୌଲାନା ଓ ନେହେରୁ ତ 'ସଶସ୍ତ୍ର ପ୍ରତିରୋଧରେ ବିଶ୍ୱାସ କରନ୍ତି'।" ସ୍ୱାଧୀନତା ପାଉ ପାଉ ସେ ବୁଝି ପାରିଥିଲେ ଯେ ସ୍ୱାଧୀନ ଭାରତ ତାର ସାମରିକ ଶକ୍ତି ବୃଦ୍ଧିରେ ଲାଗିପଡ଼ିବ । ଏହା ତାଙ୍କୁ ନୈରାଶ୍ୟଗ୍ରସ୍ତ କରିଥିଲା ଓ କ୍ଷୋଭର ସହ ସେ ଲେଖିଥିଲେ[୨୩], "ଆମେ ଆଜି ସାମରିକତା ଓ ଏହାର ସମସ୍ତ ଶକ୍ତିର ନଗ୍ନ ପ୍ରଦର୍ଶନ ନାଁରେ ଶପଥ ନେଉଛୁ । ଆମର ରାଷ୍ଟ୍ରନାୟକମାନେ ଗତ ଦୁଇ ପୁରୁଷ ଧରି ବ୍ରିଟିଶ ଶାସନରେ ସାମରିକତା ବାବଦ ହେଉଥିବା ବହୁଳ ଖର୍ଚ୍ଚକୁ ସମାଲୋଚନା କରୁଥିଲେ, କିନ୍ତୁ ବ ର୍ମାନ ଯେତେବେଳେ ରାଜନୈତିକ ଦାସତ୍ୱରୁ ମୁକ୍ତି ମିଳିଛି, ଆମର ସାମରିକ ଖର୍ଚ୍ଚରେ ବୃଦ୍ଧି ଘଟୁଛି ଏବଂ ଆହୁରି ଅଧିକ ବୃଦ୍ଧି ଘଟିବାର ବିପଦ ଦେଖାଦେଇଛି ଅଥଚ ଏହାକୁ ନେଇ ଆମେ ଗର୍ବ କରୁଛୁ । ଏହା ବିରୋଧରେ କାହାରି ସ୍ୱର ଉଠିବା ଶୁଭୁନାହିଁ ଆମର ସଂସଦ ବା ବିଧାନସଭାରେ ।" ଗାନ୍ଧୀଙ୍କର ସାମରିକତା ପ୍ରତି ଦୃଷ୍ଟିକୋଣ ସମ୍ପର୍କରେ ତାଙ୍କର ଜୀବନୀକାର ଡି ଜି ତେଣ୍ଡୁଲକର ଲେଖନ୍ତି[୨୪]  "ଗଣତନ୍ତ୍ର ଓ ସାମରିକ ଆତ୍ମା, ଏହି ଦୁଇଟି ପଦ ପରସ୍ପର-ବିରୋଧୀ ବୋଲି ସେ ବିଚାର କରୁଥିଲେ । ଜଣେ ଗଣତନ୍ତ୍ରବାଦୀର ବଳ, ବିଶ୍ୱ ସମ୍ମୁଖରେ ତା'ରାଷ୍ଟ୍ରର ସାମରିକ ଶକ୍ତି ପ୍ରଦର୍ଶନ ଉପରେ ନିର୍ଭର କରେନା ବରଂ ନିର୍ଭର କରେ ନୈତିକ ଶକ୍ତି ଉପରେ ଯାହା ତା' ରାଷ୍ଟ୍ର ବିଶ୍ୱକୁ ଦେଇଥାଏ ।" ଆଜି, ବିଶେଷତଃ, ଗତ ଚାରିବର୍ଷ (୨୦୧୩-୧୭) ମଧରେ ସାମରିକ ଅସ୍ତ୍ର-ଶସ୍ତ୍ର ଆମଦାନୀ କରିବାରେ ଯେତେବେଳେ ଭାରତ ହୋଇଛି ବିଶ୍ୱରେ ପ୍ରଥମ ଓ ବିଶ୍ୱରେ ସମୁଦାୟ ଅସ୍ତ୍ର-ଶସ୍ତ୍ର ଆମଦାନୀର ୧୨ପ୍ରତିଶତ ହୋଇଛି ଭାରତର ଆମଦାନୀ[୨୫], ସେତେବେଳେ ଗାନ୍ଧୀ ପରିକଳ୍ପିତ ଭାରତ ଯେ ବହୁତ ପଛରେ ରହିଯାଇଛି ଏହା କହିବା ବାହୁଲ୍ୟ ମାତ୍ର ।

***<u>ଉପସଂହାର</u>***

ତେଣୁ ଗାନ୍ଧୀଙ୍କର ଯୁଦ୍ଧବିରୋଧୀ ଓ ଅଣସାମରିକ ମାନସିକତାର ପୃଷ୍ଠଭୂମିରେ ଯଥାର୍ଥ ମନେ ହୁଏ ହିନ୍ଦୁ ମହାସଭାର ଉପସଭାପତିଙ୍କ ବକ୍ତବ୍ୟ ଯେ ଗାନ୍ଧୀଙ୍କର ନୀତି ଅନୁସୃତ ହେଉଥିଲେ ସର୍ଜିକାଲ ଷ୍ଟ୍ରାଇକ ହୁଅନ୍ତା ନାହିଁ । ଉପସଭାପତି ମହୋଦୟ ୨୯ ସେପ୍ଟେମ୍ବର ୨୦୧୬ରେ ହୋଇଥିବା ସର୍ଜିକାଲ ଷ୍ଟ୍ରାଇକର ଦୃଷ୍ଟାନ୍ତ ଦେଇ ତାଙ୍କର ବକ୍ତବ୍ୟ ରଖିଥିଲେ । କିନ୍ତୁ କଂଗ୍ରେସର ଦାବି ଅନୁସାରେ ଏହା ପୂର୍ବରୁ ଆଠ ଥର ଏହିପରି ସର୍ଜିକାଲ ଷ୍ଟ୍ରାଇକ ହୋଇଥିଲା; ଅଟଳବିହାରୀଙ୍କ ନେତୃତ୍ୱରେ ପରିଚାଳିତ ଏନ୍‌ଡିଏ ସରକାରଙ୍କ ଅମଳରେ ଦୁଇଥର ଓ ମନମୋହନ ସିଂହଙ୍କ ନେତୃତ୍ୱରେ ପରିଚାଳିତ ଉପା ସରକାର ଅମଳରେ ଛଅ ଥର[୨୬] । କିନ୍ତୁ ରାଷ୍ଟ୍ରର ନିରାପ । ଦୃଷ୍ଟିରୁ ଏହାର ପ୍ରଚାର କରାଯାଉ ନଥିଲା[୨୭] । ତେଣୁ ସର୍ଜିକାଲ୍ ଷ୍ଟ୍ରାଇକକୁ ଗାନ୍ଧୀ ନୀତି ଉଲ୍ଲଂଘନର ଯଦି ଏକ ଦୃଷ୍ଟାନ୍ତ ଭାବେ ବିଚାର କରାଯାଏ, ତାହାହେଲେ ପ୍ରତ୍ୟେକ ଦଳ ଏହି ଦୋଷରେ ଦୋଷୀ । କିନ୍ତୁ ପୂର୍ବେ ଯେପରି ଉଲ୍ଲେଖ କରାଯାଇଛି ଗାନ୍ଧୀ ନିଜେ ଦିନେ କହିଥିଲେ,"ଯେତେବେଳେ ଭାରତ ସ୍ୱାଧୀନତା ପାଇବ, ସମ୍ଭାବନା ରହିଛି ଯେ ମୁଁ ସବୁ ଦଳପାଇଁ ଅଲୋଡ଼ା ହୋଇଯିବି ଏବଂ ସମସ୍ତେ ଯୁଦ୍ଧ ପାଗଳ ହୋଇଯିବେ ।" ଫରକ ବୋଧହୁଏ ଏତିକି ଯେ ବିଜେପି ନେତୃତ୍ୱରେ ସାମରିକତାର ମହିମା ମଣ୍ଡନ ଯେପରି ହେଉଛି ଓ ଏଥିରେ ସାମିଲ ହେବା ପାଇଁ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟକୁ ଆଜି ନିର୍ଦ୍ଦେଶ ଦିଆଯାଉଛି, ତାହା କଂଗ୍ରେସ ନେତୃତ୍ୱରେ ଉପା ସରକାର ଅମଳରେ ସେପରି ଦୃଶ୍ୟମାନ ହେଉ ନ ଥିଲା[୨୮]।

## ***ବ୍ୟବହୃତ ଉପାଦାନର ସୂଚୀ***


୧.D.O.No.F.14-15/2018 (CPP-II), 19th September 2018 (from the Secretary, UGC, Prof. Rajnish Jain)

୨.The government borrows shine from the soldier ,By Sankarshan Thakur Published 3.10.18 ,https://www. telegraphindia.com/opinion/borrowed-shine/cid/1670778

୩.Surgical strike - Wikipedia, the free encyclopedia https://en.wikipedia.org/wiki/Surgical_strike

୪.Political parties firmly back Modi govt over army's surgical strikes india Updated: Sep 29, 2016 22:03 IST Aurangzeb Naqshbandi, https://www. hindustantimes.com/india-news/cong-aap-hail-army-s-surgical-strike-rajnath-informs-cms-oppn-leaders-about-op/

୫.Rahul Gandhi lauds Narendra Modi, calls surgical strikes first action worthy of stature as PM,Politics PTI Sep 30, 2016. https://www. firstpost.com/politics/rahul-gandhi-lauds-narendra-modi-calls-surgical-strikes-first-action-worthy-of-

୬.Manohar Parrikar links surgical strikes to his and PM Modi's 'RSS teaching' , Written by Avinash Nair | Ahmedabad | Updated: October 18, 2016 , http://indianexpress.com/article/india/india-news-india/surgical-strikes-manohar-parrikar-gives-credit-to-rss-teachings-3087525/

୭.Congress calls Manohar Parrikar a 'national embarrassment' after Defence Minister credits RSS for surgical strikes , By: FE Online | New Delhi | Updated: October 17, 2016 ,https://www. financialexpress.com/india-news/congress-calls-defence-minister-manohar-parrikar-a-national-embarrassmen

୮.Military Education Need Of The Hour, Says RSS Chief , PTI [ Updated: February 22, 2012 ,https://www. indiatvnews.com/news/india/military-education-need-of-the-hour-says-rss-chief-14463.html

୯.Moonje & Mussolini , A.G. Noorani Frontline,January 23, 2015 , https://www.frontline.in/cover-story/moonje-amp-mussolini/article6756630.ece

୧୦.How The RSS Became Involved In Running The Bhonsala Military School By DHIRENDRA K JHA | 27 April 2017 , The Caravan,http://www. caravanmagazine.in/vantage/the-rss-bhonsala-military-school-dhirendra-k-jha

୧୧. The Sangh will prepare military personnel within three days, something the Army would do in 6-7 months. This is our capability.)(RSS Chief Takes a Dig at the Army, says Sangh Parivar Can Deploy Faster.,The Wire Staff ,12/Feb/2018, https://thewire.in/government/rss-chief-takes-dig-army-says-sangh-parivar-efficient

୧୨.Military Medium for the Parivar, Rana Ayyub , Tehelka Magazine ,Vol 9, Issue 12, Dated 24 Mar 2012 ,http://archive.tehelka.com/story_main52.asp?filenam e=Ne240312Military.asp 2 of 8 10/6/2018 3:51PMc

୧୩.Mahatma : Life of Mohandas Karamchand Gandhi, D. G. Tendulkar, vol. six, p.158, Publications Division, Government of India

୧୪..Militarising Hindus Is a Long-Standing Unaccomplished Project of Hindu Nationalists ,Nilanjan Mukhopadhyay , 14/Feb/2018 ,https://thewire.in/communalism/militarising-hindus-unaccomplished-project-hindu-nationalists

୧୫.India's First Statue Of Gandhi Killer Nathuram Godse Unveiled by Hindu Mahasabha In Meerut ,Ishita Bhatia October 02, 2016 ,indiatimes.com/news/india-s-first-statue-of-gandhi-killer-nathuram-godse-unveiled...october 2, 2016 c

୧୬.Gandhi's Gift to India, the Land of Eternal Paradoxes , Venu Madhav Govindu, https://thewire.in/history/mahatama-gandhi-gift-to-india-social-justice

୧୭.Mahatma : Life of Mohandas Karamchand Gandhi, D. G. Tendulkar, vol. six, p.135, Publications Division, Government of India

୧୮. Mahatma : Life of Mohandas Karamchand Gandhi, D. G. Tendulkar, vol. five, p.294, Publications Division, Government of India

୧୯. Mahatma : Life of Mohandas Karamchand Gandhi, D. G. Tendulkar, vol. five, p.104, Publications Division, Government of India

୨୦. Mahatma : Life of Mohandas Karamchand Gandhi, D. G. Tendulkar, vol. seven, p.284, Publications Division, Government of India

୨୧.Mahatma : Life of Mohandas Karamchand Gandhi, D. G. Tendulkar, vol. six , p.146, Publications Division, Government of India

୨୨. Mahatma : Life of Mohandas Karamchand Gandhi, D. G. Tendulkar, vol. six , p.145, Publications Division, Government of India

୨୩.Mahatma : Life of Mohandas Karamchand Gandhi, D. G. Tendulkar, vol. eight, p.185, Publications Division, Government of India

୨୪.Mahatma : Life of Mohandas Karamchand Gandhi, D. G. Tendulkar, vol. eight, p.40, Publications Division, Government of India

୨୫.India Is World's Largest Importer Of Weapons With Insatiable Hunger, While Pakistan Slashes Import , https://www.outlookindia.com/website/story/india-is-worlds-largest-importer-of-weapons-with-insatiable-hunger-while-pakistan.

୨୬. Congress recalls past surgical strikes ,Special Correspondent ,New Delhi, June 28, 2018 ,https://www. thehindu.com/news/national/congress-accuses-modi-govt-of-politicising-surgical-strikes/article24277185.ece

୨୭. Surgical Strikes Were Conducted Thrice During UPA Rule: Congress, All India | Indo-Asian News Service | Updated: October 05, 2016 ,https://www.ndtv.com/india-news/surgical-strikes-were-conducted-thrice-during-upa-rule-congress-1470381

୨୮. Political backlash over UGC's advisory to observe September 29 as 'Surgical Strike Day'By Deepika S Updated: Friday, September 21, 2018, https://www.oneindia.com/india/political-backlash-over-ugcs-advisory-to-observe-september-29-as-surgical-strike-day-278015

*Surgical Strike, Gandhi & Godse ନାଁରେ ଡଃ ବୀରେନ୍ଦ୍ର ନାୟକଙ୍କ ଏକ ବକ୍ତବ୍ୟ ନିମ୍ନଲିଖିତ*

*https://youtube/Suy8smCkYcu... ଲିଙ୍କ୍‌ରେ ପାଇପାରିବେ ।*